# ପ୍ରେସ୍ ବିବୃତି

A-A-3

ବିଷୟ –"ଇନ୍ଦ୍ରାବତୀ, କୋଲାବ, ହାତୀ ଓ ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରର **Tail Race Channel** ଉପରେ ପ୍ରସ୍ତାବିତ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଗୁଚ୍ଛ-୨ ନିର୍ମାଣ ପାଇଁ ଆହ୍ୱାନ କରାଯାଇଥିବା ଟେଣ୍ଡରର କ୍ୟାବିନେଟ୍ ଅନୁମୋଦନ ନିମନ୍ତେ"

ରାଜ୍ୟସରକାର ଉଚ୍ଚ ଭୂମିରେ ଜଳସେଚନ ସୁବିଧା ନଥିବା କୃଷକମାନଙ୍କ ଜମିକୁ ବିଭିନ୍ନ ନଦୀ ଏବଂ ଜଳଭଣ୍ଡାରରୁ ପାଣି ଉଠାଇ ଖରିଫ ଜଳସେଚନ ସୁବିଧା ଯୋଗାଇବା ପାଇଁ ୨୦୧୧-୧୨ ମସିହାଠାରୁ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଆରମ୍ଭ କରିଛନ୍ତି ।

ଏହି ଯୋଜନା ଅନୁଯାୟୀ ୫୦୦ ହେକ୍ଟରଠାରୁ ୨୦୦୦ ହେକ୍ଟର ପର୍ଯ୍ୟନ୍ତ ଥିବା ଚାଷ ଜମିରେ ଜଳସେଚନ ଯୋଗାଇବା ପାଇଁ ୧୭୪ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ । ଏହା ୨୨ ଟି ଜିଲ୍ଲାରେ ୨,୧୪,୨୭୦ ହେକ୍ଟର ଜମିକୁ ଜଳସେଚିତ କରିବା ପାଇଁ ଏହି ପ୍ରକଳ୍ପଗୁଡ଼ିକୁ ୧୫ ଟି ଗୁଚ୍ଛ (Cluster)ରେ ବିଭକ୍ତ କରାଯାଇଛି ।

ଅଗଷ୍ଟ ୨୦୧୩ ଠାରୁ ଦୁଇଟି ଗୁଚ୍ଛ (୧୪ ଓ ୧୫) ରେ ୨୮ ଟି ପ୍ରକଳ୍ପ ଯଥା- କଳାହାଣ୍ଡି, ବଲାଙ୍ଗିରି ଓ ସୁବର୍ଣ୍ଣପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି ଏବଂ ଗୁଚ୍ଛ–୩ରେ ବରଗଡ଼ ସମ୍ବଲପୁର, ବଲାଙ୍ଗିର ଓ ଝାରସୁଗୁଡ଼ା ଜିଲ୍ଲାମାନଙ୍କରେ ୨୪,୦୨୦ ହେକ୍ଟର ଜଳସେଚନ ପାଇଁ ୧୯ଟି ପ୍ରକଳ୍ପର କାର୍ଯ୍ୟ ମାର୍ଚ୍ଚ ୨୦୧୫ରୁ ଆରମ୍ଭ ହୋଇଅଛି ।

ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କରିବା ଏବଂ ଉତ୍ତମ ଗୁଣବତା ବଜାୟ ରଖିବା ପାଇଁ EPC ଶୈଳୀରେ କାର୍ଯ୍ୟ କରିବା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା ।

ବର୍ତ୍ତମାନ ପ୍ରସ୍ତାବିତ ଟେଣ୍ଡରର ଗୁଚ୍ଛ ୨ (Cluster-2 ) ରେ କଳାହାଣ୍ଡି, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାମାନଙ୍କରେ ୧୩ ଟି ପ୍ରକଳ୍ପ ମାଧ୍ୟମରେ ୧୦,୯୮୦ ହେକ୍ଟର ଜମିରେ ଜଳସେଚନ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯାଇଥିଲା ।

୪ ଜଣ ପ୍ରତିଯୋଗୀ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗନେଇଥିଲେ । ସେମାନେ ହେଲେ (1) L & T ltd., (2) G.V.P.R Engineers Pvt. Ltd., (3) H.C.C. Ltd. ଏବଂ (4) Megha Engineering & Infrastructures Ltd.

ବୃହତ୍ ଉଠା ଜଳସେଚନ ପ୍ରକଳ୍ପରେ ଅତ୍ୟଧିକ ପୁଞ୍ଜି ବିନିଯୋଗ ଓ ପ୍ରଚୁର ଶକ୍ତି ବିନିଯୋଗର ଆବଶ୍ୟକତା ଥାଏ । ଏଣୁ ସର୍ବନିମ୍ନ ପ୍ରତିଯୋଗୀ ସ୍ଥିର କରିଲାବେଳେ ଟେଣ୍ଡର ସର୍ତ୍ତ ଅନୁସାରେ ୩ଟି ଦିଗ ପ୍ରତି ଯଥାକ୍ରମେ EPC ମୂଲ୍ୟ, ବାର୍ଷିକ ରକ୍ଷଣାବେକ୍ଷଣ ମୂଲ୍ୟ ଏବଂ ବାର୍ଷିକ ଶକ୍ତି ବ୍ୟବହାର ପ୍ରତି ଦୃଷ୍ଟି ଦିଆଯାଇଥାଏ ।

ଏହି ଟେଣ୍ଡର ପ୍ରକ୍ରିୟାରେ ମେସର୍ସ G.V.P.R Engineers Pvt. Ltd. ୨୧୬ କୋଟି ୮୯ ଲକ୍ଷ ୯୯ ହଜାର ୯୯୯ ଟଙ୍କା ମୂଲ୍ୟରେ କାମ କରିବା ପାଇଁ ସର୍ବନିମ୍ନ ପ୍ରତିଯୋଗୀ ଭାବେ ବିବେଚିତ ହୋଇଛନ୍ତି ।

କ୍ୟାବିନେଟ୍ ବୈଠକରେ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଗୁଚ୍ଛ ୨କୁ ମେସର୍ସ G.V.P.R Engineers Pvt. Ltd. କୁ ୨୧୬ କୋଟି ୮୯ ଲକ୍ଷ ୯୯ ହଜାର ୯୯୯ ଟଙ୍କାରେ କାର୍ଯ୍ୟ ସଂପାଦନ ପାଇଁ ଅନୁମୋଦନ ଦେଲେ ।

DRAFT PRESS BRIEF

**Subject:** -Approval of tender for the Mega Lift Project Cluster-II to be executed on river Indravati, Kolab, Hati & Tail Race Channel of Indravati Power House in the districts of Kalahandi, Koraput, Malkangiri & Nowrangpur".

Government of Odisha has launched Mega Lift Project programme during 2011-12 for providing irrigation to the farmers in the upland areas by lifting water from rivers and reservoirs which could not be irrigated by normal means of flow irrigation. This program envisages providing protective Kharif Irrigation by utilizing the surplus water which was otherwise running off to the sea.

It has been planned to take up 174nos. of Lift Irrigation schemes each having command area between 500 Ha to 2000 ha. These schemes have been grouped in fifteen clusters in 22 districts of the state to create additional irrigation potential of about 2,14,270 ha.

For time bound and quality construction of the Cluster of Lift Irrigation Schemes, Engineering Procurement & Construction (EPC) method of bidding has been adopted. The EPC contractor is responsible for completion of detailed Engineering, Procurement and Construction of the clusters in a period of about thirty months and also is responsible for Operation and Maintenance of the schemes for a period of five years after commissioning.

Competitive bidding is done by e-procurement process from the shortlisted reputed bidders having EPC contract experience in implementation of Lift Irrigation Schemes. The short listing of bidders have been made through open advertisement by Engineer-in-Chief, Water Resources by inviting Expression of Interest of bidders of the country.

Two Clusters (Nos. XIV& XV) consisting of 28 schemes are under construction since August, 2013 in the scheduled districts of Kalahandi, Bolangir, Subarnapur & Boudh and Cluster III consisting of 19 Schemes are under construction since March, 2015 in the districts of Sambalpur, Jharsuguda, Bargarh & Bolangir. The instant tender was invited for execution of Cluster No. II having 13 schemes covering command area 10,980 ha in the districts of Kalahandi, Koraput, Malkangiri & Nawarangpur.

Four bidders participated in the tender process namely (i) L & T Limited. (ii) GVPR Engineers Limited. (iii) HCC Limited & (iv) Megha Engineering & Infrastructures Limited.

Mega Lift Project involves energy consumption and it is also capital intensive. To arrive at the lowest bid price, the evaluation of financial bids of the prospective bidders, three aspects are taken into consideration such as (i) the EPC cost (ii) the annualized O & M cost & (iii) the annualized cost of Energy consumption which is in accordance with tender conditions. M/s GVPR Engineers Ltd. emerged as the lowest bidder with price Rs.216,89,99,999/-.

The Cabinet in the meeting held on 13-08-2015 gave approval to award the Mega Lift Cluster-II work to the $L_1$ bidder M/s GVPR Engineers Ltd. with an amount of Rs. 216,89,99,999/- (Rupees two hundred sixteen crore eighty-nine lakh ninety-nine thousand and nine hundred ninety-nine only).